The Odisha Gazette

EXTRAORDINARY

PUBLISHED BY AUTHORITY

No. 4914 CUTTACK, SATURDAY, NOVEMBER 15, 2025/KARTIKA 24, 1947

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା।

ତା 07-11-2025 ରିଖ

ନଥି ସଂ. 458—IX(E)-01/2022—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ବଡବିଲ ରୁ କିରିବୁରୁ ରାସ୍ତାରେ କାରୋ ନଦୀ ଉପରେ ଏଚ୍.ଏଲ୍. ପୋଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ମାଟକାମବେଡା ୟୁ.ନଂ- ୧୧ ଥାନା- ବଡବିଲ, ତହସିଲ- ବଡବିଲ, ଜିଲ୍ଲା- କେନ୍ଦୁଝର ରେ ନିମ୍ନ ତପଂସିଲ ମତେ ପ୍ରାୟ ଏ ୦.୧୦୬ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତ୍‌ଦଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ବଡବିଲ ରୁ କିରିବୁରୁ ରାସ୍ତାରେ କାରୋ ନଦୀ ଉପରେ ଏଚ୍.ଏଲ, ପୋଲ ନିର୍ମାଣ ନିମନ୍ତେ ।

୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଅଧିକ୍ଷଣ ଯନ୍ତ୍ରୀ,(ଆର.ଏଣ୍ଡ.ବି) ଡିଭିଜନ, କେନ୍ଦୁଝର ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ବଡବିଲ ରୁ କିରିବୁରୁ ରାସ୍ତାରେ କାରୋ ନଦୀ ଉପରେ ଏଚ୍.ଏଲ, ପୋଲ ନିର୍ମାଣ ନିମନ୍ତେ ।

୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ ।ଏହି ବିକାଶ ପ୍ରକଳ୍ପଟି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଯଥାର୍ଥ ଅଟେ । ପ୍ରକଳ୍ପର ସକରାତ୍ମକ ପ୍ରଭାବ ଗୁଡିକ ନକରାତ୍ମକ ପ୍ରଭାବ ଠାରୁ ଯଥେଷ୍ଟ ଅଧିକ ।

୫-ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ, ଚମ୍ପୁଆ ।

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଂଚଳ/ ସହରାଂଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟ ର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତ ର ନାମ
କେନ୍ଦୁଝର	ବଡବିଲ	ମାଟକାମବେଡା ୟୁ.ନଂ- ୧୧	ସହରାଂଚଳ	ସଂଲଗ୍ନ	ସଂଲଗ୍ନ	୩.୦୯	୦.୧୦୬	ସଂଲଗ୍ନ
					ମୋଟ	୩.୦୯	୦.୧୦୬	

ଉକ୍ତ ଅଧିସୂଚିତ ଜମି ରକବା ମଧରୁ ୧୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର ରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୁଚୀ

ପ୍ରକଳ୍ପର ନାମ :- ବଡବିଲ ରୁ କିରିବୁରୁ ରାସ୍ତାରେ କାରୋ ନଦୀ ଉପରେ ଏଚ୍.ଏଲ୍. ପୋଲ ନିର୍ମାଣ

ମୌଜା :- ମାଟକାମବେଡା ଯୁ.ନଂ-୧୧

ଥାନା :- ବଡବିଲ

ତହସିଲ :- ବଡବିଲ

ଜିଲ୍ଲା :- କେନ୍ଦୁଝର

କ୍ରମିକ ନଂ	ଖତିୟାନ ନଂ	ପ୍ରଜାର ନାମ ଓ ଠିକଣା	ପ୍ଲଟ ନଂ	କିସମ	ମୋଟ ରକବା (ଏକର)	ଅର୍ଜନ ରକବା (ଏକର)
୧	୧୨	ଜେମା ମୁଣ୍ଡା ପି- ଘନ ମୁଣ୍ଡା, ସେଲାଇ ମୁଣ୍ଡା ପି- ଗୋପାଳ ମୁଣ୍ଡା, ଜା-କୋହ୍ନ, ବା-ନିଜଗାଁ ।	୬୦୭/୧୧୪୦	ତଇଳା ଦୁଇ	୨.୯୦	୦.୦୯୬
୨	୧୫	ବଲାଣି ଓରସ ଲିମିଟେଡ	୬୦୭/୧୧୩୯	ନଯ୍ୟନ ଯୋରୀ	୦.୦୪୫	୦.୦୦୫
			୬୦୮/୧୧୫୦	ରାସ୍ତା	୦.୧୪୫	୦.୦୦୫
				ମୋଟ -	୩.୦୯	୦.୧୦୬

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ବିଶାଲ ସିଂ
ଜିଲ୍ଲାପାଳ, କେନ୍ଦୁଝର

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 4124—173+12